# NATIONAL NEWS BULLETIN (ODIA)
## 18th September - 2025
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ପାର୍ବଣ ଋତୁରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆଜି ଦୁଇଦିବସୀୟ ଜାତୀୟ ସମ୍ମିଳିନୀ ମନ୍ଥନ ଉଦ୍‌ଘାଟନ କରିବେ ପ୍ରତିରକ୍ଷା ମନ୍ତ୍ରୀ ।
- କୃଷିକ୍ଷେତ୍ରକୁ ଅଗ୍ରାଧିକାର ଦେବା ଫଳରେ ସକ୍ଷମ ହେଉଛନ୍ତି ଗ୍ରାମୀଣ ପରିବାର ।
- ଛତିଶଗଡ଼ ବିଜାପୁରରେ ସୁରକ୍ଷା ବଳ ସହ ଗୁଳି ବିନିମୟରେ ୨ ମାଓବାଦୀ ମୃତ ।

ଏବଂ

- ଏସିଆ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ୟୁ.ଏ.ଇ.କୁ ପରାସ୍ତ କରି ସୁପର ଫୋର୍ ପର୍ଯ୍ୟାୟରେ ପହଞ୍ଚିଲା ପାକିସ୍ତାନ ।

— ଆଜି ରାତି ୮ଟାରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ହେବ ମୁକାବିଲା ।

## ପି.ଏମ୍. - ଏମ୍. ସ୍ୱଦେଶୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ବଣ ଋତୁରେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି । ଗତକାଲି ମଧ୍ୟପ୍ରଦେଶର ଧାର'ଠାରେ ପ୍ରଧାନମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ଦେଶବାସୀଙ୍କୁ ସ୍ୱଦେଶୀ ଦ୍ରବ୍ୟ ବିକ୍ରି ଏବଂ କ୍ରୟ କରିବା ଲାଗି ଆହ୍ୱାନ ଦେଇଛନ୍ତି । ମହତ୍ମାଗାନ୍ଧିଙ୍କ ସ୍ୱଦେଶୀ ଅଭିଯାନକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିକଶିତ ଭାରତ ଲାଗି ଏହା ଅତ୍ୟନ୍ତ ସହାୟକ ହେବ ।

***Voice (PM - Swadeshi)* :...........**

ଆସନ୍ତା ୨୨ ତାରିଖରୁ ଅନେକଗୁଡ଼ିଏ ସାମଗ୍ରୀ ସେବା ଉପରେ ଜି.ଏସ୍.ଟି. ହ୍ରାସ ହେଉଥିବାରୁ ସ୍ୱଦେଶୀ ବସ୍ତୁ କ୍ରୟ କରିବା ଲାଗି ଦେଶବାସୀ

ଆଗଭର ହେବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ଅମିତ୍ ଶାହା - ବିହାର ଭିଜିଟ୍

ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଦିନିକିଆ ବିହାର ଗସ୍ତ ସମୟରେ ଦଳୀୟ ନେତା ଏବଂ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ । ସେ ଗତସନ୍ଧ୍ୟାରେ ବିହାରରେ ପହଞ୍ଚିଛନ୍ତି । ୨୦ଟି ଜିଲ୍ଲାର କର୍ମକର୍ତ୍ତାଙ୍କ ସହ ରୋହତାସ୍ ଏବଂ ବେଗୁସରାଇରେ ଆଗାମୀ ବିଧାନସଭା ନିର୍ବାଚନ ନିମନ୍ତେ ଆଲୋଚନା ପର୍ଯ୍ୟାଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।  ପରେ ମନ୍ତ୍ରୀ ଶ୍ରୀ ଶାହା ବିହାର ସାଂସଦ, ବିଧାୟକ ଏବଂ ଦଳୀୟ କର୍ମକର୍ତ୍ତାଙ୍କ ସହ ଅପରାହ୍ଣରେ ଏକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

## ରାଜନାଥ - ମନ୍ଥନ-୨୦୨୫

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ନୂଆଦିଲ୍ଲୀରେ ଦୁଇଦିବସୀୟ ଜାତୀୟ ସମ୍ମିଳନୀ 'ମନ୍ଥନ-୨୦୨୫'ର ଉଦ୍‌ଘାଟନ କରିବେ । ପ୍ରତିରକ୍ଷା

ବିଭାଗ ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହାର ବିଷୟବସ୍ତୁ ରହିଛି "୨୦୪୭ ବିକଶିତ ଭାରତ ଗଠନ ନିମନ୍ତେ ରଣନୈତିକ ରୂପରେଖ" । ପ୍ରତିରକ୍ଷା ଭୂ-ପରିଚାଳନା, ଉନ୍ନତ ଡିଜିଟାଲ୍ ଯନ୍ତ୍ରାଂଶ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା, ଶାସନ ଏବଂ ଦୀର୍ଘସ୍ଥାୟୀ ବ୍ୟବସ୍ଥାର ସୁଦୃଢ଼ୀକରଣ କ୍ଷେତ୍ରରେ ପ୍ରତିରକ୍ଷା ସମ୍ପଦ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରତିରକ୍ଷା କ୍ଷେତ୍ରରେ ଭୂ-ପରିଚାଳନାର ଭବିଷ୍ୟତପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ବରିଷ୍ଠ ପଦାଧିକାରୀ ଏବଂ ବିଶେଷଜ୍ଞମାନେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଶୃଙ୍ଖଳା କ୍ରମରେ ସେମାନଙ୍କର ବକ୍ତୃତା ପ୍ରଦାନ କରିବେ । ଉଦ୍‌ଘାଟନୀ ଅଧିବେଶନରେ ପ୍ରତିରକ୍ଷା ଭୂ-ପରିଚାଳନା କ୍ଷେତ୍ରରେ ଗତ ଏକବର୍ଷ ମଧ୍ୟରେ ପ୍ରତିରକ୍ଷା ସମ୍ପତ୍ତି ବିଭାଗର ଉଲ୍ଲେଖନୀୟ ପଦକ୍ଷେପ ଓ ସଫଳତା ଏବଂ ୨୦୪୭ ବିକଶିତ ଭାରତପାଇଁ ରଣନୈତିକ ରୂପରେଖ ସମ୍ପର୍କରେ ଆଲୋଚନା କରାଯିବ । ଦ୍ୱିତୀୟ ଦିନରେ ଭୂ-ସମ୍ପତ୍ତି ବିଭାଗର ସଚିବ ମନୋଜ ଯୋଶୀ, ଦେଶର ଆର୍ଟର୍ଣ୍ଣି ଜେନେରାଲ ଆର୍. ଭେଙ୍କଟରମଣୀ, ଡେପୁଟି କଣ୍ଟ୍ରୋଲର୍ ଓ ଅଡିଟର ଜେନେରାଲ୍ ସୁବିର ମଲ୍ଲିକ୍ ପ୍ରମୁଖ ଅଂଶଗ୍ରହଣ କରିବେ ।

## ସେବା ପର୍ବ – ଏଗ୍ରି ଆଲିଆଡ୍ ସେକ୍ଟର

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ଭାରତର କୃଷିକ୍ଷେତ୍ରକୁ ଏକ ଅଗ୍ରଣୀ କ୍ଷେତ୍ରଭାବେ ବିକଶିତ କରିବା ଲାଗି ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଆଜିର ଭାରତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କୃଷିକ୍ଷେତ୍ରର ବିକାଶ ଲାଗି ଏହାର ସହଯୋଗୀ କ୍ଷେତ୍ରଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଛି । ଫଳରେ ଗ୍ରାମୀଣ ପରିବାରଗୁଡ଼ିକ ପାଇଁ ଆୟ ଏବଂ ସ୍ଥିରତାର ନୂଆ ବାଟ ଫିଟିଛି । ଚଳିତ ବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, ସରକାର ସମସ୍ତ ଚାଷୀଙ୍କୁ ଦେଶର ବିକାଶ ଯୋଜନାରେ ଲାଭ ପ୍ରଦାନ କରୁଛନ୍ତି ।

***Voice (PM - peace)*** :...........

ଭାରତ ଫଳ ଓ ପନିପରିବା ଏବଂ ମସଲା ଉତ୍ପାଦନରେ ବିଶ୍ୱର ଶୀର୍ଷ ଉପାଦାନକାରୀ ଦେଶମାନଙ୍କ ମଧ୍ୟରେ ସ୍ଥାନ ପାଇଛି । ବିଶ୍ୱର ସର୍ବବୃହତ୍ ଦୁଗ୍ଧ ଉତ୍ପାଦନକାରୀ ଦେଶ ମଧ୍ୟରେ ଭାରତ ଆଜି ଗୋକୁଳ ମିଶନ ଭଳି ଯୋଜନାରେ ସ୍ୱଦେଶୀ ଗୋ-ପ୍ରଜାତିକୁ ଉନ୍ନତ କରୁଛି । ପ୍ରଧାନମନ୍ତ୍ରୀ କହିଥିଲେ, ଭାରତର ମତ୍ସ୍ୟ ରପ୍ତାନୀ ୨୦ ବିଲିୟନ୍ ଡଲାର ଅତିକ୍ରମ କରିଛି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଦେଶରେ ମତ୍ସ୍ୟଚାଷକୁ

ଆଧୁନିକ କରିବା ସହ ମତ୍ସ୍ୟଚାଷୀମାନଙ୍କୁ ସରକାର ସହାୟତା ଯୋଗାଇ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର ଜଣେ ହିତାଧିକାରୀ ଅନିତା ସିଂହ କହିଛନ୍ତି :

***Voice (Anita - Fish)*** **:...........**

ଦେଶ ଏବେ ଗୋଟିଏ ଫସଲ ଉପରେ ନିର୍ଭର ନ କରି କୃଷି ସହଯୋଗୀ କ୍ଷେତ୍ର ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛି । ଏକ ସୁରକ୍ଷିତ ଏବଂ ସ୍ଥାୟୀ ଭବିଷ୍ୟତପାଇଁ କୃଷି ଓ କୃଷକ ମଧ୍ୟରେ ଏକ ସମନ୍ୱିତ ଢାଞ୍ଚା ସୃଷ୍ଟି ହୋଇଛି ।

**Seba Parba Closing**

# ବି.ଏସ୍.ଏନ୍.ଏଲ୍. - ଏମ୍.ଓ.ଇ.

ଦେଶର କୋଣ ଅନୁକୋଣରେ ଲୋକମାନଙ୍କୁ ବି.ଏସ୍.ଏନ୍.ଏଲ୍. ମୋବାଇଲ୍ ସେବା ଯୋଗାଇ ଦେବାଲାଗି ଉଦ୍ୟମ ଆରମ୍ଭ ହୋଇଛି । କେନ୍ଦ୍ର ସରକାରଙ୍କ ଡାକ ବିଭାଗ ଏବଂ ଭାରତ ସଞ୍ଚାର ନିଗମ ଲିମିଟେଡ୍ - ବି.ଏସ୍.ଏନ୍.ଏଲ୍. ମଧ୍ୟରେ ଏନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଫଳରେ ଦେଶର ଗ୍ରାମାଞ୍ଚଳ ଏବଂ ଅପହଞ୍ଚ ଅଞ୍ଚଳରେ ବି.ଏସ୍.ଏନ୍.ଏଲ୍. ସେବା ଯୋଗାଇ ଦିଆଯାଇପାରିବ । ଡିଜିଟାଲ୍ ଇଣ୍ଡିଆ ଅଧୀନରେ ଦେଶର ସମସ୍ତ ନାଗରିକଙ୍କୁ ଅର୍ଥନୈତିକ ଏବଂ ଆର୍ଥିକ ବ୍ୟବସ୍ଥାରେ ସାମିଲ୍ କରିବା ଲାଗି

ଏହି ବୁଝାମଣା ସହାୟକ ହେବ ବୋଲି କୁହାଯାଇଛି । ଗତକାଲି ନୂଆଦିଲ୍ଲୀରେ ଭାରତୀୟ ଡାକବିଭାଗ ଏବଂ ବି.ଏସ୍.ଏନ୍.ଏଲ୍. ମଧ୍ୟରେ ହୋଇଥିବା ଚୁକ୍ତି ଏକବର୍ଷ ଲାଗି ବଳବତ୍ତର ରହିବ ଏବଂ ପରବର୍ତ୍ତୀ ସମୟରେ ନବୀକରଣ ହୋଇପାରିବ । ଏହି ପଦକ୍ଷେପ ଫଳରେ ଏଣିକି ଦେଶର ସମସ୍ତ ଡାକଘରେ ବି.ଏସ୍.ଏନ୍.ଏଲ୍. ସିମ୍ ଉପଲବ୍ଧ ହେବା ସହ ରିଚାର୍ଜ ସୁବିଦା ମଧ୍ୟ ମିଳିପାରିବ । ଦେଶର ପ୍ରାୟ ୧ ଲକ୍ଷ ୬୫ ହଜାରରୁ ଅଧିକ ଡାକଘରେ ଏହି ସୁବିଧା ମିଳିପାରିବ ବୋଲି କୁହାଯାଇଛି ।

## ଛତିଶଗଡ଼ - ମାଓଇଷ୍ଟ କିଲ୍‌ଡ୍

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷା ବଳ ସହ ଗୁଳି ବିନିମୟରେ ୨ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଗତକାଲି ଜିଲ୍ଲାର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ବହୁସଂଖ୍ୟାରେ ମାଓବାଦୀ ଏକତ୍ରିତ ହୋଇଥିବା ସୂଚନା ମିଳିବା ପରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ଗୁଳି ବିନିମୟ ପରେ ୨ ମାଓବାଦୀଙ୍କ ମୃତଦେହ ଉଦ୍ଧାର ସହ ଘଟଣାସ୍ଥଳରୁ ଗୋଟିଏ ରାଇଫଲ୍, ଗୋଟିଏ ବି.ଜି.ଏଲ୍. ଲଞ୍ଚର ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି । ଏହି ଘଟଣାରେ ଜିଲ୍ଲା ରିଜର୍ଭ ଗାର୍ଡ଼ର ୨ ଜଣ ଯବାନ ଆହତ ହୋଇଛନ୍ତି । ଅନ୍ୟପକ୍ଷରେ ନାରାୟଣପୁର ଜିଲ୍ଲାରେ ୧୨ ଜଣ ମାଓବାଦୀ ଆତ୍ମସମର୍ପଣ

କରିଛନ୍ତି । ସେମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଧରାଇ ଦେବାଲାଗି ୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସୁକ୍‌ମା ଜିଲ୍ଲାରେ ଜଣେ ମାଓବାଦୀକୁ ଗିରଫ କରାଯାଇଥିବା ସୂଚନା ମିଳିଛି ।

# ଜିଏସ୍‌ଟି-ଟେକ୍ସଟାଇଲ୍

ପରବର୍ତ୍ତୀ ପିଢ଼ିର ଜି.ଏସ୍‌.ଟି. ସଂସ୍କାର ପରେ ଦେଶର ସମସ୍ତ କ୍ଷେତ୍ରରେ ଉତ୍ସାହ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ନିବେଶକ ପର୍ଯ୍ୟନ୍ତ ଏବଂ ଶ୍ରମିକଠାରୁ ବୃହତ୍ ଶିଳ୍ପ ପତି ପର୍ଯ୍ୟନ୍ତ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜି.ଏସ୍‌.ଟି. ସଂସ୍କାରକୁ ସ୍ୱାଗତ କରୁଛନ୍ତି । ଗତମାସ ୧୫ ତାରିଖରେ ଦିଲ୍ଲୀର ଲାଲକିଲ୍ଲାରୁ ଶ୍ରୀ ମୋଦି ଦୀପାବଳି ପୂର୍ବରୁ ଦେଶବାସୀଙ୍କୁ ଜି.ଏସ୍‌.ଟି. ସଂସ୍କାରସ୍ୱରୂପ ଉପହାର ସମ୍ପର୍କରେ ଘୋଷଣା କରିଥିଲେ । ଜି.ଏସ୍‌.ଟି. ପରିଷଦ ଗତ ୩ ତାରିଖରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବାସ୍ତବତାରେ ରୂପାନ୍ତର କରିଛି । ଜି.ଏସ୍‌.ଟି. ଟିକସ ହାର ପୂର୍ବରୁ ୫ ଥାକିଆ ଥିବାବେଳେ ଏହାକୁ ପରିବର୍ତ୍ତନ କରାଯାଇ କେବଳ ୫ ଓ ୧୮ ପ୍ରତିଶତ ଅର୍ଥାତ୍ ୨ ଥାକିଆ କରାଯାଇଛି । ଫଳରେ ଦୈନନ୍ଦିନ ସାମଗ୍ରୀ ଉପରୁ ଟିକସ ହାର ବହୁ ପରିମାଣରେ ହ୍ରାସ ପାଇବା ଫଳରେ ଜନସାଧାରଣଙ୍କ ଜୀବନଧାରଣର ମାନ ଉନ୍ନତ ହେବ ବୋଲି କୁହାଯାଇଛି ।

ଜି.ଏସ୍.ଟି. ସଂସ୍କାରରେ କେନ୍ଦ୍ର ସରକାର ବୟନଶିଳ୍ପ କ୍ଷେତ୍ରରେ ଅନେକଗୁଡ଼ିଏ ସୁବିଧା ପ୍ରଦାନ କରିଛନ୍ତି । ପରବର୍ତ୍ତୀ ପିଢ଼ି ଜି.ଏସ.ଟି. ସଂସ୍କାରରେ ମାନବ ନିର୍ମିତ ଫାଇବର ଉପରେ ଜି.ଏସ.ଟି. ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଥିବାବେଳେ ସୂତା ଉପରେ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ଟିକସ ହ୍ରାସ କରାଯାଇଛି । ଆଗାମୀ ଦିନରେ ମୂଲ୍ୟହ୍ରାସ ଯୋଗୁଁ ଦେଶ ମଧ୍ୟରେ ବୟନ ଶିଳ୍ପର ଚାହିଦା ବୃଦ୍ଧି ପାଇବା ସହ ବିଦେଶକୁ ମଧ୍ୟ ରପ୍ତାନୀ ବୃଦ୍ଧି ପାଇବା ନେଇ ସମ୍ଭାବନା ଦେଖାଦେଇଛି । ଜି.ଏସ୍.ଟି. ପରିଷଦ ବୈଠକରେ ଟିକସ ହ୍ରାସ ନେଇ ନିଷ୍ପତ୍ତି ହେବା ପରେ ଜଣେ ପୋଷାକ ବ୍ୟବସାୟୀ ସୁଶିଲ ଗାରୋଡିଆ ଏହି ପଦକ୍ଷେପକୁ ସ୍ୱାଗତ କରି କହିଛନ୍ତି :

***Voice (Shusil Garodia)*** :...........

ଟିକସ ହ୍ରାସ ଭାରତୀୟ ପୋଷାକକୁ ମଧ୍ୟବିତ୍ତ ଏବଂ ନିମ୍ନ ଆୟକାରୀ ବର୍ଗର ଲୋକମାନଙ୍କପାଇଁ ସୁଲଭ ମୂଲ୍ୟରେ କ୍ରୟ ସୁବିଧା ଯୋଗାଇଦେବ । ବିଶ୍ୱ ବଜାରରେ ରପ୍ତାନୀ ବୃଦ୍ଧି ସହ ଭାରତର ପୋଷାକ ଆଗାମୀ ଦିନରେ ବିଶ୍ୱସ୍ତରୀୟ ହେବା ନେଇ ମତ ପ୍ରକାଶ ପାଇଛି ।

## ଓଡ଼ିଶା - ବିଧାନସଭା

ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ

ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି । ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶୋକପ୍ରସ୍ତାବ ଆଗତ କରିବେ । ବିଧାନସଭା ଅଧିବେଶନକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ଏସିଆ କପ୍ କ୍ରିକେଟ୍

ଏସିଆ ଟି-ଟ୍ୱେଣ୍ଟି କପ୍ କ୍ରିକେଟ୍‌ରେ ଆଜି ଆବୁଧାବିରେ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ସୁପର ଫୋର୍ ପର୍ଯ୍ୟାୟକୁ ଯିବା ଲାଗି ଆଫଗାନିସ୍ତାନ ଏହି ମ୍ୟାଚ୍‌କୁ ଜିତିବାକୁ ପଡ଼ିବ ।

ଗତକାଲି ପାକିସ୍ତାନ ୪୧ ରନ୍‌ରେ ସଂଯୁକ୍ତ ଆରବ ଏମିରେଟ୍‌ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ପାକିସ୍ତାନ ୯ ଓ୍ୱିକେଟ୍ ବିନିମୟରେ ୧୪୬ ରନ୍ କରିଥିଲା । ଏହାର ଜବାବରେ ୟୁ.ଏ.ଇ. ୧୭ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୦୫ ରନ୍ ସଂଗ୍ରହ କରିଥିଲା । ଏହି ପ୍ରତିଯୋଗିତାରେ ଭାରତ ପୂର୍ବରୁ ସୁପର ଫୋର୍ ପର୍ଯ୍ୟାୟକୁ ଯାଇଥିବାବେଳେ ଗତକାଲିର ବିଜୟ ପରେ ପାକିସ୍ତାନ ସୁପର୍ ଫୋର୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

*****